# ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୋନପୁର

ଇ-ମେଲ- subcollectorsnpr@gmail.com
subcol.sone-od@nic.in

ଯୋଗାଯୋଗ ନମ୍ବର- ୦୬୬୫୪-୨୨୦୨୩୧

**ସଂଖ୍ୟା** ୨୦୬୭ **/ତାରିଖ** ୩୦/୦୫/୨୦୨୬

## ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଛି ଯେ, ମୌଜା -ସମିଆଭାଗ, ଥାନା - ସୋନପୁର (୩୯), ଜିଲ୍ଲା - ସୁବର୍ଣ୍ଣପୁରରେ ଥିବା ଦେବୋତ୍ତର ବିଭାଗ , ସୋନପୁର ଅଧିନସ୍ଥ ନିମ୍ନ ତହସିଲଭୁକ୍ତ ଜମି ରକବା -ଏ ୬୨.୩୨୦ ଡି ଆସନ୍ତା **ତିନି (୩ ) ବର୍ଷ** ଅର୍ଥାତ **୦୧.୦୭.୨୦୨୬** ରୁ **୩୦.୦୬.୨୦୨୯** ଯାଏଁ , ଖରିଫ ଓ ରବି ଚାଷ ନିମନ୍ତେ ଠିକା ସକାଶେ ନିମ୍ନ ସର୍ତ୍ତାବଳୀ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳରେ **ତା ୦୪.୦୫.୨୦୨୬ ଦିବା ୭ ଘଣ୍ଟା ରୁ ତା ୨୦.୦୫.୨୦୨୬ ଦିବା ୧ ଘଣ୍ଟା** ମଧ୍ୟରେ ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ, ସୋନପୁରଙ୍କ କାର୍ଯାଳୟ ଠାରେ ନିଲାମ କାଗଜାତ୍ ଦାଖଲ କରିପାରିବେ । ଉକ୍ତ ନିଲାମ **ତା ୨୨.୦୫.୨୦୨୬ ଦିବା ୯ ଘଣ୍ଟା** ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଖୋଲାଯିବ ।

### ସର୍ତ୍ତାବଳି

୧. ଠିକା ଡାକିବା ଇଚ୍ଛୁକ ବ୍ୟକ୍ତି ଅମାନତ ଆକାରରେ ଧାର୍ଯ୍ୟ ମୂଲ୍ୟ ର **ଶତକଡା ୧୦ ଭାଗ** ଦାଖଲ କରି ଠିକା ଡାକରେ ଅଂଶଗ୍ରହଣ କରିପାରିବେ ।

୨.ପୂର୍ବରୁ ଏହି ସମ୍ପତ୍ତି ଠିକା ନେଇ ଠିକା ଟଙ୍କା ଜମା ଦେବାରେ ଖିଲାପ କରିଥିବା ବ୍ୟକ୍ତି ଠିକା ଡାକରେ ଅଂଶଗ୍ରହଣ କରିପାରିବେ ନାହିଁ ।

୩. କେବଳ ଧାନ ଚାଷ ଉଦ୍ଦେଶ୍ୟ ରେ ଠିକା ଦିଆଯିବ ।

୪. ନିଲାମ ପରେ ସମ୍ପୃକ୍ତ ଠିକାଦାର ଆଦେଶ ପାଇବାପରେ ଜମି ଭୋଗ ଦାଖଲ କରିପାରିବେ ।

୫. ଯେଉଁ ବ୍ୟକ୍ତି ଠିକା ଡାକରେ ଯୋଗ୍ୟ ବିବେଚିତ ହେବେ ସେହି ବ୍ୟକ୍ତି **ଚଳିତ ବର୍ଷ ଜମିର ଖଜଣା ଅଗ୍ରିମ ଆକାରରେ** ପଇଠ କରିବେ ନଚେତ ଜମିରୁ ଚାଷ ଠିକ ସମୟରେ ଉଠେଇ ପାରିବେ ନାହି ।

୬. ଯେଉଁ ବ୍ୟକ୍ତି ଠିକା ଡାକରେ ଯୋଗ୍ୟ ବିବେଚିତ ହେବେ ସେହି ବ୍ୟକ୍ତି ଠିକା ଡକା ହେବାପରେ **ପ୍ରଥମ ବର୍ଷର ମୋଟ ଟଙ୍କା ଏକ ମାସ ମଧ୍ୟରେ** ଅଗ୍ରିମ ଆକାରରେ ପଇଠ କରିବେ ଏବଂ ଦିତୀୟ ବର୍ଷ ଓ ତୃତୀୟ ବର୍ଷ ର ସମସ୍ତ ଟଙ୍କା କ୍ରମାନ୍ୱୟରେ **ଡିସେମ୍ବର ୨୦୨୭** ଏବଂ **ଡିସେମ୍ବର ୨୦୨୮** ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ **କାର୍ଯ୍ୟାଳୟ**ରେ ପଇଠ କରିବେ ।

୭. ଠିକା ନିଲାମ କୁ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ରଦ୍ଦ କରିପାରିବେ ।

**Sub-Collector-cum-Executive Officer**
**Devottar, Sonepur**

୮. ଠିକା ଡାକର ସର୍ବନିମ୍ନ ମୂଲ୍ୟ ୧ମ ବର୍ଷ ପାଇଁ **ଟ ୭,୦୦,୦୦୦/-ଙ୍କା (ସାତ ଲକ୍ଷ ଟଙ୍କା)**, ୨ୟ ବର୍ଷ ପାଇଁ **ଟ ୭,୦୦,୦୦୦/-ଙ୍କା (ସାତ ଲକ୍ଷ ଟଙ୍କା)**, ଏବଂ ୩ୟ ବର୍ଷ ପାଇଁ **ଟ ୭,୦୦,୦୦୦/-ଙ୍କା (ସାତ ଲକ୍ଷ ଟଙ୍କା)**, ଧାର୍ଯ୍ୟ କରାଯାଇଅଛି।

୯. ଚାଷ ଜମି ଉପରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଚାଷ ଜମି ନଷ୍ଟ ହେଲେ ଚାଷ କରୁଥିବା ବିବେଚିତ ବ୍ୟକ୍ତି ତଦନୁଯାୟୀ ସରକାରୀ ସହାୟତା ପାଇପାରିବେ।

**ଜମି ର ବିବରଣୀ**

ମୌଜା -ସମିଆଭାଗ , ଥାନା -ସୋନପୁର , ଥାନା ନମ୍ବର -୩୯

ଜିଲ୍ଲା -ସୋନପୁର

ପ୍ରଜାର ନାମ -ଶ୍ରୀ ଶ୍ରୀ କୋଶଳେଶ୍ୱର ମହାଦେବ ବିଜେ ବୈଦ୍ୟନାଥ , ରକବା ଏ ୬୨.୩୨୦ ଡି

**ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ, ସୋନପୁର**

**ଜ୍ଞାପକ ସଂଖ୍ୟା :** ୨୦୬୪ ତାରିଖ : ୩୦/୦୪/୨୦୨୬

୧. ଏହାର ଏକକିତା ନକଲ **ସରପଞ୍ଚ ହରଡ଼ଖୋଲ ପଂଚାୟତ/ ରାଜସ୍ୱ ନିରୀକ୍ଷକ, ବିଶିମୁଣ୍ଡା** ଙ୍କୁ ଜନସାଧାରଣଙ୍କ ଅବଗତି ନିମନ୍ତେ ବହୁଳ ପ୍ରଚାର ପାଇଁ ତଥା ତାଙ୍କ **କାର୍ଯ୍ୟାଳୟ** ନୋଟିସ ବୋର୍ଡ ରେ ଲଗାଇବା ପାଇଁ ପ୍ରେରଣ କରାଗଲା ।

୨. ଏହାର ଏକକିତା ନକଲ ଜନସାଧାରଣଙ୍କ ଅବଗତି ନିମନ୍ତେ **ଶ୍ରୀ ଶ୍ରୀ କୋଶଳେଶ୍ୱର ମହାଦେବ ବିଜେ ବୈଦ୍ୟନାଥଙ୍କ** ମନ୍ଦିର କାନ୍ଥ ରେ ଲଗାଇବା ପାଇଁ **ସଭାପତି, ମନ୍ଦିର ପରିଚାଳନା କମିଟି ଙ୍କୁ** ପ୍ରେରଣ କରାଗଲା।

**ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ, ସୋନପୁର**

ଜ୍ଞାପକ ସଂଖ୍ୟା : ୨୦୬୪(A) ତାରିଖ : ୩୦|୦୫|୨୦୨୬

ଏହାର ଏକକିତା ନକଲ ତହସିଲଦାର, ସୋନପୁର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋନପୁର ଙ୍କ ଅବଗତି ଏବଂ ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା । ଜନସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ଲଗାଇବା ପାଇଁ ଅନୁରୋଧ କରାଗଲା ।

ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ, ସୋନପୁର

ଜ୍ଞାପକ ସଂଖ୍ୟା : ୨୦୬୪(B) ତାରିଖ : ୩୦|୦୫|୨୦୨୬

ଏହାର ଏକକିତା ନକଲ District e-Governance Manager (DEGM) (ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର) ସୁବର୍ଣ୍ଣପୁରଙ୍କ ଅବଗତି ତଥା ଜିଲ୍ଲା ପୋର୍ଟାଲରେ ପ୍ରଦାନ (upload) ନିମନ୍ତେ ପ୍ରେରଣ କରାଗଲା।

ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ, ସୋନପୁର

ଜ୍ଞାପକ ସଂଖ୍ୟା : ୨୦୬୪(C) ତାରିଖ : ୩୦|୦୫|୨୦୨୬

ଏହାର ଏକକିତା ନକଲ ଜିଲ୍ଲାପାଳ, ସୁବର୍ଣ୍ଣପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ, ସୋନପୁର